# Akashvani, Sambalpur

## SAMBALPURI NEWS EVENING BULLETIN

**27 August 2024- 7.02 pm- 7.12 pm.**

*********************************************

୧- ରାଜ୍ୟସଭା ଉପନିର୍ବାଚନ୍‌ଥି ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଲେ ବିଜେପି ପ୍ରାର୍ଥୀ ମମତା ମହାନ୍ତ ।

୨- ୩ ଶହ ୟୁନିଟ୍‌ତକ୍ ମାହାଲିଆ ବିଜ୍‌ଲି ଯୋଗାଣ ନେଇକରି ଇହାଦେତକ୍ ନାଇଁ ହେଇ କେନ୍‌ସି ଘୋଷ୍‌ନା- କହେଲେ ଶକ୍ତିମନ୍ତ୍ରୀ ।

୩- ସାରା ରାଏଜେ ଉସ୍‌ନାକି ଆର୍ ଭକ୍ତିର୍ ସହେତେ ପାଲନ୍ କରାଯାଉଛେ ନନ୍ଦୋତ୍ସବ୍ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ବାହାର୍‌ଲା ଲଗନ୍ ।

ରାଜ୍ୟସଭା ସାଂସଦ୍- ମମତା ମହାନ୍ତ ଆର୍‌ଏନ୍‌ୟୁ/ସମ୍ବଲପୁର

ବିଜେପି ପ୍ରାର୍ଥୀ ମମତା ମହାନ୍ତ ଓଡ଼ିଶା ନୁ ରାଜ୍ୟସଭାକେ ବିନା ପ୍ରତିଦ୍ୱନ୍ଦିତାଥି ନିର୍ବାଚିତ୍ ହେଇଛନ୍ । ନିର୍ବାଚିତ୍ ହେଲା

ଉତ୍‌ରୁ ସେ ରାଜ୍ୟସଭା ନିର୍ବାଚନ୍ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ଠାନୁ ପ୍ରମାଣ୍‌ପତ୍ର ଗ୍ରହଣ୍ କରିଥିଲେ । ଓଡ଼ିଶା ନ ଖାଲି ପଡ଼ିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ମମତା ମହାନ୍ତଙ୍କର୍ ସହେତେ ଜଗନ୍ନାଥ ପ୍ରଧାନ୍ ଭିଲ୍ ପ୍ରାର୍ଥୀପତ୍ର ଦାଖଲ୍ କରିଥିଲେ । ହେଲେ ଜଗନ୍ନାଥ ପ୍ରଧାନ୍ ପ୍ରାର୍ଥୀପତ୍ର ଘୁଁଚେଇ ନେବାର୍‌ନୁ ମମତା ମହାନ୍ତ ନିର୍ବାଚିତ୍ ହେଇଛନ୍ । ସେ ବିଜେଡ଼ି ଟିକଟ୍‌ଥି ୨୦୨୦ ଏପ୍ରିଲ୍ ମାସେ ଆଗ୍‌ରୁ ରାଜ୍ୟସଭାକେ ନିର୍ବାଚିତ୍ ହେଇଥିଲେ । ପଛେ ବିଜେଡ଼ିନୁ ଇସ୍ତଫା ଦେଇଥିଲେ ।

## ମାଗଣା ବିଜୁଳି ଯୋଗାଣ ଆର୍‌ଏନ୍‌ୟୁ/ କଟକ୍

୩ ଶହ ୟୁନିଟ୍‌ତକ୍ ମାହାଲିଆ ବିଜ୍‌ଲି ବ୍ୟବସ୍ଥା ନେଇକରି କେନ୍‌ସି ଘୋଷ୍‌ନା ନାଇଁ କରାଯାଇ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଫଟିକ୍ କରିଛନ୍ । ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ୍ କେନ୍ଦ୍ରୀୟ ଯୋଜ୍‌ନା ଅଧୀନ୍‌ଥି ଛାତ୍ ଉପ୍‌ରେ ସୋଲାର୍ ପାୱାର୍ ଥାପ୍‌ନା କରୁଥିବା ଘର୍‌ମାନ୍‌କୁ ୩ ଶହ ୟୁନିଟ୍‌ତକ୍ ବିଲ୍ ଦେବାର୍‌କେ ନାଇଁ ପଡ଼େ । ଇ ବାବ୍‌ଦେ କେନ୍ଦ୍ର ସର୍‌କାର୍ ୩ କିଲୋୱାଟ୍ ସୋଲାର୍ ପେନାଲ୍ ଥାପ୍‌ନାର୍ ଲାଗି ୭୮ ହଜାର୍ ଟଙ୍କା ରିହାତି ଦଉଛନ୍ । ଇ ପ୍ରକଳ୍ପ ଜରିଏ ମାସ୍‌କ ୩ ଶହ ୟୁନିଟ୍‌ନୁ ଅଏତ୍‌କା ବିଜ୍‌ଲି

ଉତ୍ପାଦିତ୍ ହେଇପାର୍‌ବା । ଇଥିର୍‌ଲାଗି ଉପଭୋକ୍ତା ଲାଭବାନ୍ ହେବେ ବଲି ସେ କହିଛନ୍ ।

ବର୍‌ଗଡ଼୍ ଜିଲ୍ଲା ନ ମାହାଲିଆ ବିଜ୍‌ଲି ଶକ୍ତି ଯୋଗାଣ ଆଧାର୍‌ଥି ଉପଭୋକ୍ତା ବିଜ୍‌ଲି ମିଟର୍ ବାହାର୍ କରି ଦଉଥିବାର୍ ଜନାପଡ଼ିଛେ ବଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ହେଲେ ଏନ୍ତା ମିଛ ପ୍ରଚାର୍‌ଥି ବିଶ୍ୱାସ୍ ନାଇଁ କର୍‌ବାର୍ ଲାଗି ସେ ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ତାଲିମ୍ ନାଇଁ ପାଇଥିବାର୍ ଲୁକ୍‌କର୍ ଦ୍ୱାରା କରାଯାଉଥିବା ଇନ୍ତା କାମ୍ ବିପଦ୍ ସୃଷ୍ଟି କରିପାରେ । ଇତାର୍‌ଦ୍ୱାରା ସୃଷ୍ଟି ଥିତିର୍ ଲାଗି ବିତରଣ କମ୍ପାନୀ ଦାୟୀ ନାଇଁ ରହନ୍ ବଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ । ମିଟର୍ ବଦ୍‌ଲାବାର୍ ଲାଗି ସ୍ୱୀକୃତି ପ୍ରାପ୍ତ ବୈଷୟିକ କର୍ମଚାରୀଙ୍କର୍ ସହାୟତା ନେବାର୍‌କେ ସେ କହିଛନ୍ । ହେଲେ ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ମାହାଲିଆ ବିଜ୍‌ଲି ଯୋଜ୍‌ନାର୍ ସୁଯୋଗ୍ ନେବାର୍‌କେ ସେ ଲୁକ୍‌କୁ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତ୍‌ଥି ଆସିଛନ୍ । ସେ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସହେତେ ଆଲୋଚନା କରିଥିଲେ । ଉତରାଂଚଲ୍ ଆଇଜି, ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆଉ ଏସ୍.ପି.

ଆଉ ଜାତୀୟ ରାଜପଥ ବିଭାଗ୍‌ର ଅଧିକାରୀ ମାନ୍‌କର୍ ସାଙ୍ଗେ ଭିନ୍ ଭିନ୍ ବିଷେଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଲୋଚନା କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ସବ୍‌ଡିଭିଜନ୍ ଗସ୍ତଥି ଯାଇଥିବାର୍ ବେଲେ ସେନ ସାଧାରଣ୍ ନାଗରିକ୍ ଆଉ କାର୍ଯ୍ୟକର୍ତାମାନେ ତାଙ୍କୁ ସ୍ୱାଗତ୍ କରିଥିଲେ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ଶୂନ୍ୟକାଲ୍‌ଥି ଆଏଜ୍ ଆମ ଓଡ଼ିଶା ନବୀନ୍ ଓଡ଼ିଶାକେ ନେଇକରି ଶାସକ ଆର୍ ବିରୋଧୀ ବିଜେଡ଼ି ଦଲର୍ ସଦସ୍ୟମାନେ ପରସ୍ପର୍ ଉପ୍‌ରେ ଆରୋପ ପ୍ରତ୍ୟାରୋପ କରିଥିଲେ । ଇ ବିଷେ ଉଠେଇକରି ବିଜେଡ଼ି ଉପମୁଖ୍ୟ ସଚେତକ୍ ପ୍ରତାପ୍ ଦେବ୍ କହିଥିଲେ ଯେ, ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍‌ଥି ଆମ ଓଡ଼ିଶା ନବୀନ୍ ଓଡ଼ିଶା ଯୋଜ୍‌ନା ଅଧୀନ୍‌ଥି ତିଆର୍ କରାଯାଉଥିବା ପ୍ରକଳ୍ପ କାମ୍ ମାନ୍‌କୁ ବନ୍ଦ୍ କରି ଦିଆଯାଇଛେ । ଏନ୍ତାକି ନିର୍ମାଣ୍ କାମ୍ ସରିଥିବାର୍ ପ୍ରକଳ୍ପ ମାନ୍‌କର୍ ବିଲ୍ ଟଙ୍କା ନାଇଁ ଦିଆଯିବାର୍ । ଇ ଯୋଜ୍‌ନାର୍ କାର୍ଯ୍ୟକାରିତା ନେଇକରି ସର୍‌କାର୍ ନିଷ୍ପତି ଗ୍ରହଣ୍ କର୍‌ବାର୍‌କେ ସେ ଦାବି କରିଥିଲେ ।

ଇତାର୍ ପ୍ରତିଉତର୍‌ଥି ଶାସକ ଦଲର୍ ସଦସ୍ୟ ମାନସ୍ ଦତ କହିଥିଲେ ଯେ, ଇ ଯୋଜ୍‌ନା ଅଧୀନ୍‌ଥି ବହୁତ୍‌ଟେ

ହେର୍‌ଫେର୍ ହେଇଥିବାର୍ ଜନାପଡ଼ିଛେ । ଏନ୍ତାକି ବ୍ୟକ୍ତିଗତ ମାଲିକାନାଥି ଥିବାର୍ ଘର୍‌କେ ଭିଲ୍ ଇ ଯୋଜ୍‌ନା ଜରିଏ ରାସ୍ତା ସଂଯୋଗ୍ କରାଯାଇଛେ ବଲି ସେ କହିଥିଲେ । ପ୍ରକଳ୍ପର ଥିତି ରିପୋର୍ଟ ନାଇଁ ଥାଇକରି ଟଙ୍କା ଦେବାର୍‌କେ ବାଧ କରାଯାଉଛେ ଆଉ ଫାଇଭ୍-ଟି ନାଁଥି ବହୁତ୍‌ଟେ ଅଯଥା ପ୍ରକଳ୍ପକେ ମାନ୍ୟତା ଦିଆଯାଉଥିଲା ବଲି ସେ କହିଥିଲେ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ କଟକ୍

ଅନୁସୂଚିତ ଜାତି- ଜନଜାତି ଆଉ ଅନ୍ୟାନ୍ୟ ପଛୁଆ ବର୍ଗକେ ଶିକ୍ଷା କ୍ଷେତ୍ର ନ ସମ୍ବିଧାନ୍‌ଥି ଦିଆଯାଇଥିବାର୍ ସଂରକ୍ଷଣ୍ ଆଉ ଜାତିଭିତିକ ଜନଗଣନା ଦାବି ନେଇକରି ଆଏଜ୍ ବିରୋଧୀ ଦଲର୍ ସଦସ୍ୟମାନେ ବିଧାନ୍‌ସଭାଥି ଜବର୍ କିର୍ଲାଗଗା କରିଥିଲେ । ଯେନ୍‌ଥିର୍‌ଲାଗି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ବିରୋଧୀ ଦଲର୍ କିର୍ଲାଗଗା ଲାଗି ପ୍ରଶ୍ନକାଲ ନାଇଁ ଚାଲିପାରି । ପ୍ରଶ୍ନକାଲ ମୁଲ୍ ହେବାର୍‌ଖିନ୍ ବିରୋଧୀ ଦଲର୍ ସଦସ୍ୟମାନେ ଦୁହି ବିଷେକେ ନେଇକରି ଗୃହର୍ ମଧଭାଗ୍ ନ ପ୍ରତିବାଦ୍ ମୁଲ୍ କରିଥିଲେ । କଂଗ୍ରେସ୍ ସଦସ୍ୟ ତାରାପ୍ରସାଦ୍ ବାହିନୀପତି ଆଉ ବିଜେଡ଼ିର୍ ଅଧିରାଜ୍ ପାଣିଗ୍ରାହୀ ବାଚସ୍ପତିଙ୍କର୍ ପୋଡ଼ିୟମ୍‌କେ ଚଢ଼୍‌ବାର୍ ଲାଗି ଉଦ୍ୟମ୍ କରିଥିଲେ । ବିଜେଡ଼ିର ସଦସ୍ୟ

ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ରିପୋଟର୍ଙ୍କର୍ ଟେବୁଲ୍ ଉପ୍ରେ ଚଢ଼ିକରି ସ୍ଲୋଗାନ୍ ଦେଇଥିଲେ । ଇ କିର୍ଲାଗଗାର୍ ଲାଗି ବାଚସ୍ପତି ଗୃହକେ ୧୦ ବାଜିକରି ୪୫ ମିନିଟ୍‌ନୁ ୧୧ ବାଜିକରି ୩୦ ମିନିଟ୍‌ତକ୍ ମୁଲ୍‌ତବୀ ରଖିଥିଲେ । ୧୧ ବାଜିକରି ୩୦ ମିନିଟ୍‌ଥି ଫେର୍‌ଘାଏ ଗୃହ କାର୍ଯ୍ୟ ମୁଲ୍ ହେବାର୍‌ଖିନ୍ ଅଚଲାବସ୍ଥା ଜାରି ରହେବାର୍‌ନୁ ବାଚସ୍ପତି ଗୃହକେ ୧୧ ବାଜିକରି ୪୦ ମିନିଟ୍‌ନୁ ୧୧ ବାଜିକରି ୫୦ ମିନିଟ୍‌ତକ୍ ଆର୍ ଫେର୍‌ଘାଏ ୧୧ ବାଜିକରି ୫୦ ମିନିଟ୍‌ନୁ ୧୨ ବାଜିକରି ୫ ମିନିଟ୍‌ତକ୍ ମୁଲ୍‌ତବୀ ରଖିଥିଲେ । ଶୂନ୍ୟକାଳ ନ ଅଚଲାବସ୍ଥା ଲାଗି ରହେବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଲୀୟ ବୈଠକ୍ ଡାକିଥିଲେ । ବୈଠକ୍ ଉତ୍‌ରୁ ଗୃହକାର୍ଯ୍ୟ ସ୍ୱାଭାବିକ୍ ଭାବେ ଚାଲିଥିଲା ।

ନନ୍ଦୋତ୍ସବ୍ ସମ୍ବଲପୁର୍/ସୁବର୍ଣ୍ଣପୁର୍/ବୌଦ୍ଧ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଆନନ୍ଦ ଉଲ୍ଲାସ୍‌ଥି ନନ୍ଦୋତ୍ସବ୍ ମୁଲ୍ ହେଇଛେ । ମହାପ୍ରଭୁଙ୍କର୍ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ଦେବୀ ସୁଭଦ୍ରା ଆଉ ଦେବୀ ଲକ୍ଷ୍ମୀଙ୍କର୍ ଷଠୀ ଏକାଦଶୀ ପୂଜା କରାଯିବାର୍ ସହେତେ ସାତପାହାଚଥି ବିଜୁଳି କନ୍ୟାକେ ମାର୍‌ବାର୍ ନୀତି ହେଇଥିଲା । ଜଗମୋହନ୍

ଠାନେ ଦୁଲିଥି ଝୁଲୁଥିବା ଶ୍ରୀକୃଷ୍ଣଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ୍ କର୍‌ବାର୍ ଲାଗି ଆଏଜ୍ ସଖାଲୁ ଭିଡ୍ ଜମେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ଆଏଜ୍ ନନ୍ଦୋତ୍ସବ୍ ପାଲନ୍ କରାଯାଉଛେ । ଭିନ୍ ଭିନ୍ ଗୁଡ଼ି ଆଉ ମଠ ସହେତେ ରାଧାକୃଷ୍ଣମନ୍ଦିର୍ ମାନ୍‌କେ ନନ୍ଦୋତ୍ସବ୍ ଉଲ୍‌ଗୁନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛେ । ଭକ୍ତମାନେ ନନ୍ଦୋତ୍ସବର୍ ଗୀତ ଗାଇକରି ପୂଜାଥି ସାମିଲ୍ ହେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର, ଶ୍ୟାମସୁନ୍ଦର୍ କୁଞ୍ଜ, ଶ୍ରୀଗୋପାଲ୍‌ଜୀଉ ମନ୍ଦିର୍, ଶଇନ୍‌ନଗରୀର ଯୋଗେଶ୍ୱରୀ ପୀଠ ସହେତେ ଭିନ୍ ଭିନ୍ ମଠ ଆର୍ ମନ୍ଦିର୍ ନ ରୀତିନୀତି ଅନ୍‌ସାରେ ନନ୍ଦୋତ୍ସବ୍ ହେଉଛେ । କୃଷ୍ଣ ବଲ୍‌ରାମ୍‌ଙ୍କର୍ ବିମାନ୍ ଶୋଭାଯାତ୍ରା କରାଯାଇଛେ ।

ସାରା ବୌଦ୍ଧ ଜିଲ୍ଲା ନ ଆଏଜ୍ ରୀତିନୀତି ଅନ୍‌ସାରେ ନନ୍ଦୋତ୍ସବ୍ ପାଲନ୍ କରାଯାଉଛେ । ବୌଦ୍ଧ ସହରର୍ ମଦନ୍ ମୋହନ୍ ମନ୍ଦିର୍ ସହେତେ ଜିଲ୍ଲା ନ ଥିବାର୍ ମନ୍ଦିର୍ ମାନ୍‌କେ ଆଏଜ୍ ଭକ୍ତମାନ୍‌କର୍ ଜବର୍ ସମାଗମ୍ ଦେଖିବାର୍‌କେ ମିଲିଥିଲା । ରାଧାକୃଷ୍ଣଙ୍କର୍ ଯୁଗଲମୂର୍ତ୍ତିକେ ବିମାନ୍ ଧରିକରି ଶ୍ରଦ୍ଧାଳୁମାନେ ଭିନ୍ ଭିନ୍ ଜାଗା ନ ସଂକୀର୍ତ୍ତନ୍ ସହେତେ ଗାଁ ପରିକ୍ରମା କରିଥିଲେ ।

## ନୂଆଁଖାଇ ଲଗ୍ନ ଧାର୍ଯ୍ୟ          ସମ୍ବଲପୁର୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ପ୍ରସିଦ୍ଧ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ଲଗନ୍ ବାହାରିଛେ । ପରମ୍ପରା ଅନ୍‌ସାରେ ଆଏଜ୍ ନନ୍ଦୋତ୍ସବ୍ ଦିନ ସମ୍ବଲ୍‌ପୁର୍ ସହରର୍ ଝାଡ୍ଡୁଆପଡ଼ା ନ ଥିବା ବ୍ରହ୍ମପୁରା ମନ୍ଦିର ନ ପଣ୍ଡିତ୍‌ମାନେ ଗୁଟେ ବୈଠକ୍‌ଥି ବସିକରି ଲଗନ୍ ଧାରିଜ୍ କରିଛନ୍ । ମା ସମଲେଶ୍ୱରୀଙ୍କର୍ ରାଶି ନକ୍ଷତ୍ରକେ ନେଇକରି ଆଏବା ସେପ୍ଟେମ୍ବର୍ ମାସ ୮ ତାରିଖ୍ ରଏବାର୍ ଭୁଦୋ ମାସର୍ ଉଜଲ୍‌ପଖର୍ ପଂଚ୍‌ମୀ ତିଥି ନ ନୂଆଖାଇ ପାଲନ୍ କରାଯିବା ବଲି ପଣ୍ଡିତ୍‌ମାନେ ଲଗନ୍ ବାହାର୍ କରିଛନ୍ । ସେଦିନର୍ ସଖାଲର୍ ୯ ବାଜିକରି ୧୨ ମିନିଟ୍‌ନୁ ୯ ବାଜିକରି ୨୭ ମିନିଟ୍ ଭିତ୍‌ରେ ମା ସମଲେଶ୍ୱରୀଙ୍କର୍ ନ ନୂଆଁ ଚାଉଲ୍ ଭୋଗ୍ ଲଗାଯିବା । ତାର୍‌ପରେ ଲୋକ୍‌ମାନେ ତାଁକର୍ ଘର୍ ମାନ୍‌କେ ପରିବାର୍ ସହେତେ ମିଶିକରି ନୂଆଁ ଖାଏବେ । ଧାରିଜ୍ ହେଇଥିବା ଲଗ୍ନପତ୍ରକେ ବ୍ରହ୍ମପୁରା ମନ୍ଦିର୍ ଟ୍ରଷ୍ଟ୍‌ର କର୍ମକର୍ତା ଆଉ ମନ୍ଦିର୍‌ର ପୂଜକ ସମ୍‌ଲେଇଙ୍କର୍ ମନ୍ଦିର୍ ନ ପ୍ରଦାନ୍ କରିଛନ୍ ।

## ସୁବର୍ଣ୍ଣପୁର୍-ନୂଆଖାଇ ଲଗନ୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ନୂଆଖାଇ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ସହେତେ ବୌଦ୍ଧ ଜିଲ୍ଲାର୍ ଫଂଚରା ଅଂଚଲ୍ ଲାଗି ଆଏଜ୍ ସୁବର୍ଣ୍ଣପୁର୍ ନ ଲଗନ୍ ଥିର୍ ହେଇଛେ । ସୁବର୍ଣ୍ଣପୁର୍ ରାଜବାଟୀ ଭିତ୍‌ରର୍ ଜଗନ୍ନାଥ୍ ମନ୍ଦିର୍ ମୁକ୍ତିମଣ୍ଡପ୍ ଠାନେ ହେଇଥିବାର୍ ପଣ୍ଡିତ ମହାସଭା ନ ଆଏବା ସେପ୍ଟେମ୍ବର୍ ମାସ ୮ ତାରିଖ୍ ରଏବାର୍ ଦିନ ସଖାଲର୍ ୯ ବାଜିକରି ୨୩ ମିନିଟ୍‌ନୁ ୯ ବାଜିକରି ୩୭ ମିନିଟ୍ ଭିତ୍‌ରେ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ପାଖେ ନୂଆଁ ଚାଉଲ୍ ଭୋଗ୍ ଲଗାଯିବା । ତାର୍ ଉତ୍‌ରୁ ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ - ଫଂଚ୍‌ରା ଇଲାକା ନ ଲୁକେ ଇଷ୍ଟଦେବାଦେବୀଙ୍କର୍ ପାଖେ ନବାନ୍ନ ସମର୍ପଣ୍ କର୍‌ବେ ।

ଯୁଗ୍ମ ଅଭିଯୋଗ୍ ଶୁଣାଣି

ସୁବର୍ଣ୍ଣପୁର/ବୌଦ୍ଧ/ନୂଆପଡ଼ା/କଲାହାଣ୍ଡି

ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ମିଲିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

କଲାହାଣ୍ଡି ଜିଲ୍ଲା ଏମ୍.ରାମ୍‌ପୁର୍ ଫଂଚାୟତ୍ ସମିତି ସମ୍ମିଲନୀ ଗୃହ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମିଲିତ୍ ଅଭିଯୋଗ୍ ଶୁଣାଣି କରାଯାଇଥିଲା । ଇନ ଶହେ ୯ ଝନ୍ ଅଭିଯୋଗ୍ ପତ୍ର ଦାଖଲ୍ କରିଥିବାର୍ ବେଲେ ୧୨ ଟା ଅଭିଯୋଗ୍‌ର ଶିବିର୍ ନ

ସମାଧାନ୍ କରାଯାଇଥିଲା ବଲି ଜନାପଡ଼ିଛେ । ଶିବିର୍‌ଥି ୨ ଝନ୍ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଆର୍ ଝନ୍‌କୁ ରେଡ଼କ୍ରସ୍ ପାଣ୍ଠିନୁ ସହାୟତା ମଞ୍ଜୁର୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଯୋଗୀନ୍ଦ୍ରପୁର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଆଏଜ୍ ହେଇଥିବା ମିଳିତ ଜନଶୁଣାଣିଥି ଶହେ ୯ ଟା ଅଭିଯୋଗ୍ ଆସିଥିବାର୍ ୩୦ଟା ଅଭିଯୋଗ୍‌ର ସେହିଠାନେ ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବିନ୍‌କା ବ୍ଲକ୍ ସମ୍ମିଳନୀ କକ୍ଷ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୬୯ ଟା ଅଭିଯୋଗ୍‌ର ଶୁଣାଣି ହେଇଥିଲା ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସମ୍ମିଳନୀ କକ୍ଷଠାନେ ଆଏଜ୍ ହେଇଥିବା ଜିଲ୍ଲାପାଳ୍‌ଙ୍କର୍ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌ଥି ଆସିଥିବାର୍ ଆପତି ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଡେଙ୍ଗୁ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଇହାଦେତକ୍ ୨ ହଜାର୍ ୭ ଶହ ୫୯ ଝନ୍ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଲକଣ୍ଠ ମିଶ୍ର କହିଛନ୍ । ସେତାର୍‌ଭିତ୍‌ରୁ ସୁନ୍ଦର୍‌ଗଡ଼୍‌ନୁ ୮ ଶହ ୬୫ ଆଉ ଖୋର୍ଦ୍ଧାନୁ ୮ ଶହ ୩୭ ଝନ୍

ଅଛନ୍ । ସେ କହିଛନ୍ ଯେ, ଖୋର୍ଦ୍ଧା ଜିଲ୍ଲାର୍ ଚିହ୍ନଟ୍ ରୋଗୀଙ୍କର୍ ଭିତ୍ରେ ଭୁବ୍ନେଶ୍ୱର୍ର ୫ ଶହ ଝନ୍ ଅଛନ୍ । ଇହାଦେତକ୍ ସାରା ରାଏଜ୍ରୁ ୭୦ ହଜାର୍ ଲୁକ୍କର୍ ଡେଙ୍ଗୁ ପରୀକ୍ଷା ହେଇଛେ ବଲି ଡାକ୍ତର୍ ମିଶ୍ର କହିଛନ୍ ।

ରେଲ୍ ସମ୍ବଲପୁର ସମ୍ବାଦଦାତା

ୟୁନିଫାଏଡ୍ ପେନ୍ସନ୍ ସ୍କିମ୍ ଅନ୍ସାରେ ରେଲ୍ବାଇ କି କେନ୍ଦ୍ର ସର୍କାର୍ଙ୍କର୍ କେନ୍ସି କର୍ମଚାରୀ ଯଦି ଚାକିରୀର୍ କମ୍ସେକମ୍ ୧୦ ବରସ୍ ଚାକିରୀ କରିଥିବେ ସେମାନେ ପେନ୍ସନ୍ର ସୁବିଧା ପାଏବେ । ଯଦି ୨୫ ବରସ୍ ଚାକିରୀ କରିଥିବେ ବେଲେ ଦର୍ମାର୍ ୫୦ ପ୍ରତିଶତ୍ ପେନ୍ସନ୍ ପାଏବେ ବଲି ସମ୍ବଲ୍ପୁର୍ ଅତିରିକ୍ତ ରେଲ୍ମଣ୍ଡଲ୍ ପ୍ରବନ୍ଧକ୍ ଆନନ୍ଦ ସିଂ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ନ ସୂଚ୍ନା ଦେଇଛନ୍ । ହେନ୍ତା କର୍ମଚାରୀଙ୍କର୍ ଦେହାନ୍ତ ହେଲେ ସାଙ୍ଗେ ସାଙ୍ଗ ୬୦ ପ୍ରତିଶତ୍ ପେନ୍ସନ୍ ସହେତେ ଗୁଟେ ନିର୍ଣ୍ଣିତ୍ ପରିବାର୍ ପେନ୍ସନ୍ ଦିଆଯିବା ।

ସୁନିର୍ଣ୍ଣିତ୍ ପେନ୍ସନ୍, ସୁନିର୍ଣ୍ଣିତ୍ ପାରିବାରିକ୍ ପେନ୍ସନ୍ ଆଉ ସର୍ବନିମ୍ନ ପେନ୍ସନ୍ ଉପ୍ରେ ମୁଦ୍ରାସ୍ଫୀତି ସୂଚକାଙ୍କ ସୁବିଧା ଦେବାର୍ ବ୍ୟବସ୍ଥା ରହିଛେ । ହେନ୍ତା ଗ୍ରାହକ ମୂଲ୍ୟ ସୂଚାକାଙ୍କ ଅନ୍ସାରେ ମହଙ୍ଗା ରିଲିଭ୍ ଭିଲ୍ ଆଧାର୍

କରାଯିବା । ଚାକିରୀନୁ ଅବ୍ସର୍ ଗ୍ରହଣ୍ ସମିଆଥି କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ବାହାରେ ଏକ୍ମୁସ୍ତ ଦେୟ ପ୍ରଦାନ୍ କରାଯିବା । ଇ ପେନ୍ସନ୍ ଯୋଜ୍ନା ଅନ୍ସାରେ ପୂର୍ବତଟ ରେଲ୍ପଥ, ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ର ପାଖାପାଖି ୪ ହଜାର୍ ୩ ଶହ କର୍ମଚାରୀ ଉପକୃତ ହେବେ ବଲି ଶ୍ରୀ ସିଂ କହିଛନ୍ ।